# ସଂଗ୍ରାମ

ଘଞ୍ଚ ବନାନୀ ଜୀର୍ଣ୍ଣ ପ୍ରାନ୍ତରେ
ନୀଳ ସାଗରର ବିଚି ମଥାନରେ
ମନ୍ଦ୍ରିତ ହୁଏ ଜନ ଚେତନାର ଭାଷା
ସ୍ପନ୍ଦିତ ହୁଏ ହୃଦୟେ ନବ ଉନ୍ମେଷା

ଦୂର୍ବାଦଳର ଘନ ନୀଳିମାରେ
ଦୁର୍ବାର ସେଇ ଅର୍ବାଚୀନରେ
ପୁରାଇଛି ସିଏ ଧମନୀରେ ତୋର
ସଂଗ୍ରାମର ତୀବ୍ର ନିଶା
ଭାଷାରେ ଭାଷାରେ ସୃଜିପାରିଛି ଯେ
ଜୈତ୍ର ଜୀବନ ଦିଶା ।

ଜନ ସମୁଦ୍ରଟା ଅହିରାଜ ସାଜି
ଶୂନ୍ୟେ ଉଡୁଛି ଡେଣାରେ ବାନ୍ଧିଛି
ଖିଆଲିରେ ଭରା ଜ୍ୟୋସ୍ନା ଧବଳ କାନ୍ତି
ପରାଣେ ଦେଉଛି ନବ ଉନ୍ମାଦନା ତେଜିଛି ଜୀବନୁ ଭ୍ରାନ୍ତି ।

କେତେ ପଥ ତାର ଉଦ୍‌ବେଳନେ ଯିବ ବିତି
ଯଦିବା ପଡ଼ିବ ନୀଳ ସାଗରରେ ସ୍ପନ୍ଦିତ ହେବ ଛାତି
ଅବା ବନାନୀର ଘଞ୍ଚ ସବୁଜିମା ବୁକେ
ଅବା କୁସୁମିତ ନବ କିଶଳୟ ଚକ୍ରେ ।

ଶୁଷ୍କ ତରୁଣ ପ୍ରାଣେ ସଞ୍ଚରିବ
ବିକ୍ଷୁବ୍ଧ ପୁଣି ଶାଶ୍ୱତ ଦୀପ୍ତ ଭାଷା
ତେଜୋଦୀପ୍ତ ପ୍ରାଣେ ଅଚିରେ ତୋଳିବ
ସଂଗ୍ରାମମୟ ତାରୁଣ୍ୟର ଅଭିଳାଷା ।

ଦୃପ୍ତେ ସାଗରର ଦୀର୍ଘ ଲଘଂନ ପଥ
ହୋଇପାରେ ଯାହା କାରାକୋରମର ଟଙ୍କିଳ ଗିରିପଥ
ସେ ପଥ ଲଘିଂବା ହେଉ ଜୀବନର ଏକଇ ଉତ୍ତୁଙ୍ଗ ଆଶା
ତା'ହେଲେ ଫୁଟିବ ହୃଦୟ ତନ୍ତ୍ରୀରେ
ଜନଚେତନାର ଉଦ୍‌ବେଳିତ ଅଗ୍ନିଭାଷା ।

ଦୂର ଦିଗ୍‌ବଳୟ ଧାରେ ଦେଖାଦିଏ
ବାଳ ଅରୁଣର ଆଲୋକିତ ଅଗ୍ନିଶିଖା
ଆଶ୍ୱାସନାର ଭାଷା ନୁହେଁ ତା'
ବଜ୍ର ଆହ୍ୱାନ ପାଇଁ ସତେ ତାହା ସଂଗ୍ରାମର ରଶ୍ମିରେଖା ।

କବି ହେ ଲେଖନୀ ମନ୍ଦ୍ରେ ଚାଲିବ ଥରେ
କମ୍ରଘାସର ଶାଗୁଆ ମଥାନ ପରେ
ହୃଦୟର ଭାଷା ବୁଝିବାନି ଆମେ, ଆମେରେ ଅର୍ବାଚୀନ
ପଥ ପ୍ରାନ୍ତରେ ସୃଜିପାରିବାନି କସ୍ତୁରୀ କୃଷ୍ଣାଜିନ
ସଂଗ୍ରାମ ଆମ ଜନଚେତନାର ରକ୍ତିମ ଭବ୍ୟ ଭାଷା
ଦୁର୍ବାର ଆମେ ସଂଗ୍ରାମ ଆମ ମୁକ୍ତି ମଶାଲ ନିଶା ।

□□□